# Akashvani, Sambalpur

# SAMBALPURI NEWS MORNING BULLETIN

# 12 May 2026 - 6.47- 6.52 am.

---

ପ୍ରଧାନ୍‌ମନ୍ତ୍ରୀ ଗ୍ରାମ୍‌ସଡ଼କ୍ ଯୋଜ୍‌ନା          ଆଇ ଆଣ୍ଡ୍ ପି.ଆର୍

ପ୍ରଧାନ୍‌ମନ୍ତ୍ରୀ ଗ୍ରାମ୍‌ସଡ଼କ୍ ଯୋଜ୍‌ନା-ପି.ଏମ୍.ଜି.ଏସ୍.ୱାଇ ର ସଫଲ୍ କାର୍ଯ୍ୟନ୍ୱୟନ୍ ଲାଗି ଓଡ଼ିଶାକେ କେନ୍ଦ୍ର ଗ୍ରାମୀଣ୍ ବିକାଶ୍ ମନ୍ତ୍ରଣାଲୟ ତର୍‌ଫୁ ଜାତୀୟ ସ୍ତର୍ ନ ସମ୍ମାନିତ୍ କରାଯାଇଛେ । ଗଲା ୧୦ ତାରିଖ୍ ମଧ୍ୟପ୍ରଦେଶ୍‌ର ସିହୋର୍ ଠାନେ ପି.ଏମ୍.ଜି.ଏସ୍.ୱାଇ ର ୨୫ ବଛର୍ ପୂର୍ତି ଉସବ୍‌ଥି ଇ ସମ୍ମାନ୍ ଦିଆଯାଇଛେ । ସର୍ବାଧିକ୍ ଲୋକ୍ ରହୁଥିବା କ୍ଷେତ୍ର ସଂଯୋଗ୍ ବର୍ଗଥି ଓଡ଼ିଶା ୧୬ ହଜାର୍ ୯ ଶହ ୯୦ ଜନବସତିକେ ସଡ଼କ୍ ସଂଯୋଗ୍ ଦେଇକରି ଦେଶେ ୩ ନମ୍ବର୍ ଠାନ୍ ପାଇଛେ । ପାହାଡ଼ିଆ ଇଲାକାର୍ ବର୍ଗଥି ୨ ହଜାର୍ ଶହେ ୩୨  ଜନବସତିକେ ସଂଯୋଗ୍ କରିକରି ଭିଲ୍ ଓଡ଼ିଶାକେ ୩ ନମ୍ବର୍ ପୁରସ୍କାର୍ ମିଲିଛେ । ଇ ଅବ୍‌ସରେ ଓଡ଼ିଶାର୍ ବନ୍‌ଧାରା ମୋଡ଼େଲ୍ ପ୍ରଦର୍ଶିତ୍ ହେଇଛେ ।

ଅନୁ ଗର୍ଗ ବୈଠକ୍          ଆର୍‌ଏନ୍‌ୟୁ/ ସମ୍ବଲପୁର

ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗଙ୍କର୍ ଅଧ୍ୟକ୍ଷତାଥି ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ଗଲାକାଏଲ୍ ଭିତିଭୂମି ବିକାଶ୍ ବାବଦ୍ ଗୁଟେ ଉଚ୍ଚସ୍ତରୀୟ କମିଟି ବୈଠକ୍ ହେଇଯାଇଛେ । ବୈଠକ୍‌ଥି ସର୍‌କାରୀ ଆଉ ବେସର୍‌କାରୀ ଭାଗିଦାରୀଥି ବହୁତ୍‌ଟେ ଜରୁରୀ ପି.ପି.ପି. ପ୍ରକଳ୍ପ କାର୍ଯ୍ୟକାରୀତା ବାବ୍‌ଦେ ଆଲୋଚନା କରାଯାଇଥିଲା । ସ୍ୱାସ୍ଥ୍ୟ, ସ୍ୱେରେଜ୍, ସହରୀବିକାଶ୍, ଜଳଯୋଗାଣ୍, ପ୍ରାଣୀ ଟୀକା ଉତ୍ପାଦନ୍ ବାଗିର୍ କ୍ଷେତ୍ର ନ ମୋଟ୍ ୧ ହଜାର୍ ଶହେ ୩୦ କୋଟି ଟଙ୍କା ଖର୍ଚ୍ଚାଥି ୫ ଟା ନୂଆଁ ପି.ପି.ପି. ପ୍ରକଳ୍ପକେ ବୈଠକ୍‌ଥି ନୀତିଗତ ମଞ୍ଜୁରୀ ଦିଆଯାଇଛେ ।

ଡାଲୁଆ ଧାନ୍ ଘିନା          ଆଇ ଆଣ୍ଡ ପି.ଆର୍

ରାଏଜେ ଗଲାକାଏଲ୍‌ନୁ ଡାଲୁଆ ଧାନ୍ ଘିନା ପ୍ରକ୍ରିୟା ମୁଲ୍ ହେଇଛେ । ବର୍‌ଗଡ୍ ଜିଲ୍ଲା ନ ଧାନ୍ ଘିନା ମୁଲ୍ ହେଇଥିବାର୍ ବେଲେ ସର୍‌କାରୀ ସ୍ତର୍‌ଥି ଧାନ୍ ବିକ୍‌ବାର୍ ଲାଗି ପାଖାପାଖି ୧

ଲାଖ୍ ୫ ହଜାର୍ ଝନ୍ ଚାଷୀ ପଞ୍ଜିକୃତ ହେଇଛନ୍ । ସେମାନ୍‌କର୍ ଭିତ୍‌ରୁ ଏବ୍‌ତକ୍ ୯୬ ହଜାର୍ ୩ ଶହ ୭୭ ଝନ୍ ଚାଷୀଙ୍କୁ ଟୋକନ୍ ଦିଆୟାଇଛେ । ଇ ମାସର୍ ୧୫ ତାରିଖ୍ ସମ୍ବଲ୍‌ପୁର୍, ବାଲେଶ୍ୱର୍, କଟକ୍ ଆଉ ପୁରୀ ଜିଲ୍ଲା ନ ଡାଲୁଆ ଧାନ୍ ଘିନା ମୁଲ୍ କରାଯିବା । ସମ୍ବଲ୍‌ପୁର୍ ଜିଲ୍ଲା ନ ୧୯ ହଜାର୍ ଶହେ ୧୩ ଝନ୍ ଚାଷୀ ପଞ୍ଜିକରଣ୍ କରିଥିବାର୍ ବେଲେ ୧୮ ହଜାର୍‌ନୁ ଅଏତ୍‌କା ଲୁକ୍‌କୁ ଟୋକନ୍ ମିଲିସାରିଛେ ।

ରାସ୍ତା ନିର୍ମାଣ୍        ଆଇ ଆଣ୍ଡ୍ ପି.ଆର୍

କଲାହାଣ୍ଡି ଜିଲ୍ଲାର୍ ଭବାନୀପାଟ୍‌ନା- ନୂଆପଡ଼ା ଜିଲ୍ଲାର୍ ଖରିଆର୍‌ତକ୍ ପାଖାପାଖି ୭୦ କିଲୋମିଟର୍ ଲମ୍ବା ରାସ୍ତାକେ ୪ ଥାକିଆ କରାଯିବା ବଲି ପୂର୍ତମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ କହିନ୍ । ଇ ରାସ୍ତା ଭିତ୍‌ରେ ୫ ଟା ମୁଖିଆ ପୁଲିଆ ଆର୍ ୧୫ ଟା ଛୋଟ୍ ପୁଲିଆ ତିଆର୍ କରାଯିବା । ଇଥିର୍‌ଲାଗି ୬ ଶହ ୪୦ କୋଟି ଟଙ୍କା ବ୍ୟୟବରାଦ୍ କରାଯାଇଥିବାର୍ ବେଲେ ପୁଲିଆ ତିଆର୍ କର୍‌ବାର୍ ଲାଗି ୯୧ କୋଟି ଟଙ୍କା ଖର୍ଚ୍ଚା କରାଯିବା ବଲି ମନ୍ତ୍ରୀ କହିଛନ୍ ।

ଇତାର୍‌ସହେତେ ତେଲ୍ ନଦୀ ଉପ୍‌ରେ ଥିବା ପୁର୍‌ନା ପୁଲିଆର୍ ଭିଲ୍ ମରାମତି କରାଯିବା । କଲାହାଣ୍ଡି ଆଉ ନୂଆପଡ଼ା ଜିଲ୍ଲା ଭିତ୍‌ରେ ଯୋଗାଯୋଗ୍‌କେ ତୁର୍‌ତି ଆଉ ସୁଗମ୍ କର୍‌ବାର୍ ଲକ୍ଷ୍ୟଥି ଇ ରାସ୍ତା ତିଆର୍ କରାଯିବା । ଇତାର୍ ଜରିଏ ସ୍ଥାନୀୟ ଇଲାକାର୍ ଲୋକ୍‌ମାନ୍‌କର୍ ଯା’ଆସ୍ ସୁବିଧା ହେବାର୍ ସହେତେ ଖାସ୍ କରି ଛୋଟ୍ ଚାଷୀ ଆଉ ବ୍ୟବସାୟୀମାନେ ଲାଭ୍ ପାଏବେ ।

ରତ୍ନଅଲଙ୍କାର୍ ଗନ୍‌ତି ପୁରୀ ସମ୍ବାଦଦାତା

ଶ୍ରୀକ୍ଷେତ୍ର ପୁରୀ ନ ମାହାପୁରୁମାନ୍‌କର୍ ବଡ଼ ମହାସ୍ନାନ ନୀତି କରାଯାଇଥିବାର୍‌ନୁ ରତ୍ନଭଣ୍ଡାର୍ ଗନ୍‌ତି କାମ୍ ଘଂଟେ ଡେରୀଥି ବେଲ୍‌ବୁଡ଼ର୍ ୬ ବାଜିକରି ୨୪ ମିନିଟ୍‌ଥି ମୁଲ୍ ହେଇକରି ରାତିର୍ ୯ ବାଜିକରି ୨୫ ମିନିଟ୍‌ତକ୍ ଚାଲିଥିଲା । ଯେମୋଲୋଜିଷ୍ଟ୍ ମାନ୍‌କର୍ ସାହାଜ୍‌ଥି ରତ୍ନ ଅଲଙ୍କାର୍ ଚିହ୍ନଟ୍ କାମ୍ କରାଯାଇଥିବାର୍ ବେଲେ ୧୯୭୮ ମସିହା ତାଲିକା ସହେତେ ସବୁ ଅଲଙ୍କାର୍ ମାନ୍‌କୁ ମେଲ୍ କରାଯାଇଛେ । ଆଏଜ୍ ମଧ୍ୟାହ୍ନ ଧୂପ ଉତ୍‌ରୁ ଫେର୍‌ଘାଏ ଗନ୍‌ତି ମୂଲ୍ ହେବା । ଇ ମାସେ ୧୨, ୧୯, ୨୧, ୨୩, ୨୬, ୨୮, ୨୯

ଆଉ ୩୦ ତାରିଖ୍ ଦିନ ଗନ୍ତି ଚାଲ୍‌ବା । ରତ୍ନଭଣ୍ଡାର୍ କମିଟି ଅଧ୍ୟକ୍ଷ ଜଷ୍ଟିସ୍ ବିଶ୍ୱନାଥ ରଥ କହିଛନ୍, କେନ୍‌ସିଭିଲ୍ ଅଲଙ୍କାର୍ ନାଇଁ ହଜି ଆଉ ଇହାଦେତକ୍ ଗନ୍ତିଥି ସବୁ ମେଲ୍ ଖାଉଛେ ।

ସିଏଚ୍‌ଏସ୍‌ଇ-ଦୁଇ ପରୀକ୍ଷାଫଲ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ୍- ସିଏଚ୍‌ଏସ୍‌ଇ ପରିଚାଲିତ ଯୁକ୍ତ ଦୁଇ ପରୀକ୍ଷାଫଲ୍ ଆଏବା ହପ୍ତା ବାହାର୍‌ବା । ଦିନ୍ ଧାରିଜ୍ ନାଇଁହେଇଥିଲେ ଭିଲ୍ ୧୯ ନୁ ୨୧ ତାରିଖ୍ ଭିତ୍‌ରେ ପରୀକ୍ଷାଫଲ୍ ବାହାର୍‌ବା ବଲି ସିଏଚ୍‌ଏସ୍‌ଇ ତର୍‌ଫୁ କୁହାଯାଇଛେ । ଇଥର ଗୁଟେ ଦିନେ କଲା, ବିଜ୍ଞାନ୍, ବାଣିଜ୍ୟ ଆଉ ଧନ୍ଦାମୂଲକ୍ ବିଭାଗ୍‌ର ପରୀକ୍ଷାଫଲ୍ ବାହାର୍‌ବା । ପରୀକ୍ଷାର୍ଥୀମାନେ www.orissa.results.nic.in ଜରିଏ ସେମାନ୍‌କର୍ ପରୀକ୍ଷାଫଲ୍ ଜାନିପାର୍‌ବେ ବଲି ବୋର୍ଡ଼ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଇଥର ଯୁକ୍ତ ଦୁଇ ପରୀକ୍ଷାଥି ୧୩ ଶହ ୫୭ ଟା ପରୀକ୍ଷା କେନ୍ଦ୍ର ପାଖାପାଖି ୪ ଲାଖ୍ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ ।

ଅନ୍ତର୍ଜାତିୟ ସେବିକା ଦିବସ    ଆର୍‌ଏନ୍‌ୟୁ ସମ୍ବଲପୁର

ରୋଗୀସେବା ଦିଗେ ସେବିକାମାନ୍‌କର୍ ଉତ୍ସର୍ଗୀକୃତ ମନୋଭାବ୍‌କେ ସମ୍ମାନ୍ ଜନାବାର୍ ଲାଗି ଆଏଜ୍ ସାରା ପୁର୍‌ଥି ନ ପାଲନ୍ ହେଉଛେ ଅନ୍ତର୍ଜାତୀୟ ସେବିକା ଦିବସ୍ । ଇବଛର୍ ସେବିକା ଦିବସ୍‌ର ବାର୍ତା ହେଉଛେ 'ଆମର୍ ନର୍ସ ଆମର୍ ଭବିଷ୍ୟତ୍- ସଶକ୍ତ ନର୍ସମାନେ ଜୀବନ୍ ରକ୍ଷା କର୍‌ସନ୍' । ଆଧୁନିକ୍ ନର୍ସିଂ ସେବାକେ ମୁଲ୍ କରିଥିବା ଫ୍ଲୋରେନ୍ସ ନାଇଟ୍‌ଏଙ୍ଗଲ୍‌ଙ୍କର୍ ଜନମ୍ ଦିନ୍ ମେ ମାସର୍ ୧୨ ତାରିଖ୍‌କେ ଗଲା ୧୯୬୫ ମସିହାନୁ ଅନ୍ତର୍ଜାତୀୟ ସେବିକା ପରିଷଦ୍‌ର ନିଷ୍ପତି ଅନ୍‌ସାରେ ଅନ୍ତର୍ଜାତୀୟ ସେବିକା ଦିବସ୍ ଭାବେ ପାଲନ୍ କରାଯାଉଛେ ।

ଆକାଶ୍‌ବାଣୀ ୯୦ ବଛର୍ ପୂର୍ତି    ଆର୍‌ଏନ୍‌ୟୁ/ ସମ୍ବଲପୁର

ଆକାଶ୍‌ବାଣୀର ୯୦ ବଛର୍ ପୂର୍ତି ଅବ୍‌ସରେ ଆଏଜ୍ ଆକାଶ୍‌ବାଣୀ ସମ୍ବଲ୍‌ପୁର୍ କେନ୍ଦ୍ର ତରଫୁ ଲୋକସଂଗୀତ୍ ସମାରୋହ 'ନୂଆଁ ନବେ'ର ଆୟୋଜନ୍ କରାଯାଉଛେ । ସମ୍ବଲ୍‌ପୁର୍ ତପସ୍ୱିନୀ

ପ୍ରେକ୍ଷାଳୟ ନ ବେଲ୍‌ବୁଡ଼ର୍ ସାଢ଼େ ୬ ବଜେ ହେବାର୍‌କେ ଥିବା ସମାରୋହଥି ଆକାଶ୍‌ବାଣୀର୍ ସ୍ୱିକୃତୀପ୍ରାପ୍ତ କଲାକାର୍ ମାନେ ଲୋକନାଚ୍ ଆଉ ଲୋକଗୀତ୍ ପରିବେଷଣ୍ କର୍‌ବେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଦକ୍ଷିଣ ଆଣ୍ଡାମାନ୍ ସାଗର୍ ଆଉ ତାର୍ ପାଖର୍ ଇଲାକା ନ ସକ୍ରିୟ ଘୂର୍ଣ୍ଣିବଲୟର୍ ପ୍ରଭାବ୍‌ଥି ଦକ୍ଷିଣ୍ ପଶ୍ଚିମ ବଙ୍ଗୋପ୍‌ସାଗର୍ ନ ଲଘୁଚାପ୍ କ୍ଷେତ୍ର ସୃଷ୍ଟି ହେଇଛେ । ଆଂଚଲିକ୍ ପାଣିପାଗ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଇତାର୍ ପ୍ରଭାବ୍‌ଥି ରାଏଜେ ବର୍ଷା ହେବାର୍ ସମ୍ଭାବନା ରହିଛେ । ଆଏବା ୨୪ ଘଂଟା ଭିତ୍‌ରେ ଚଡ଼କ୍ ମାରିକରି ବର୍ଷା ହେବା ବଲି ରାଜ୍ୟର୍ ୧୭ ଟା ଜିଲ୍ଲାକେ ପାଣିପାଗ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ । ସେଆଢ଼େ ଗଲାକାଏଲ୍ ସମ୍ବଲ୍‌ପୁର୍ ନ ରାଜ୍ୟର୍ ସବୁନୁ ଜହ ତାପମାତ୍ରା ୩୯ ଦଶ୍‌ମିକ୍ ୨ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ଼ କରାଯାଇଥିଲା ।